**ସାମାଜିକ ନ୍ୟାୟ ପକ୍ଷ ପାଳିତ**

ସୋର, (ଡି.ଏନ.ଏ.): ରାଷ୍ଟ୍ରୀୟ ସ୍ତରରେ ଆରମ୍ଭ ହୋଇଥିବା ସାମାଜିକ ନ୍ୟାୟ ପକ୍ଷ ପାଳନ ଅବସରରେ ସୋର ଭାଜପା ପକ୍ଷରୁ ଟେଣ୍ଟେଇ ପଞ୍ଚାୟତ ଅଧୀନ ଶୋଳଗାଁରେ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗ୍ରହକ୍ରମେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଅବହେଳିତ ବର୍ଗର ମା' ଓ ଶିଶୁଙ୍କୁ କୁପୋଷଣମୁକ୍ତ ରଖିବାକୁ ସଚେତନତା ସହ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ବରିଷ୍ଠ ଦଳୀୟ ନେତା ରାକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲା ପରିଷଦ ସଭ୍ୟା ନିରୋଦପ୍ରଭା ପଣ୍ଡା, ସରପଞ୍ଚ ଲକ୍ଷ୍ମୀକାନ୍ତ ମଲ୍ଲିକ, ସରପଞ୍ଚ ପଦ୍ମାଳୟା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଅନନ୍ତପୁର, ମାଣିକପୁର ଜଙ୍ଗଲରେ ନିଆଁ

ଉଦଳା,୧୯।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଶିମିଳିପାଳ ସଂଲଗ୍ନ ପୋଡ଼ାଡ଼ିହା ରେଞ୍ଜର ଅନନ୍ତପୁର ଏବଂ ଉଦଳା ରେଞ୍ଜର ମାଣିକପୁର ଜଙ୍ଗଲରେ ନିଆଁ ଲାଗିଛି। ଶିମିଳିପାଳ ପାହାଡ଼ର ଉପରମୁଣ୍ଡରେ ଏହି ନିଆଁ ଲାଗିଥିବା ବେଳେ ସ୍ଥାନୀୟ ପରିବେଶ ଧୂଆଁମୟ ହୋଇଯାଇଛି। ନିଆଁ ଧୀରେ ଧୀରେ କାୟା ବିସ୍ତାର କରୁଥିବା ଦେଖିବାକୁ ମିଳିଛି। ଗତ ବର୍ଷ ମଧ ଏହି ଦୁଇ ରେଞ୍ଜରେ ନିଆଁ ଲାଗି ବ୍ୟାପକ ବୃକ୍ଷଲତା ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା। ତେବେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିବାରୁ କିଛି ମାତ୍ରାରେ ନିଆଁ ଆୟତ୍ତ ହୋଇଥିବା ସୂଚନା ମିଳିଛି।

### ରାସ୍ତାକଡ଼କୁ ମାଡ଼ିଗଲା ବସ୍

ବିଶୋଇ,୧୯।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଡାକଚଟି ଛକ ନିକଟରେ ମଙ୍ଗଳବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ମାଡ଼ି ଯାଇଥିଲା। ଏଥିରେ ଥିବା ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୂର୍ବାହ୍ନ ୯ଟା ସମୟରେ ଯଶୀପୁରରୁ ବାରିପଦା ଅଭିମୁଖେ ଯାଉଥିବା 'ଗୌରୀ' ନାମକ ଏହି ଘରୋଇ ବସ୍‌ର ଷ୍ଟିଅରିଂ ଖରାପ ହେବାରୁ ରାସ୍ତା ବାମ ପାର୍ଶ୍ୱକୁ ମାଡ଼ି ଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ କୌଣସି ଯାତ୍ରୀଙ୍କ କ୍ଷତି ଘଟି ନ ଥିବା ସୂଚନା ମିଳିଛି।

### ଦୁର୍ଘଟଣାରେ ଡାଟା ଏଣ୍ଟ୍ରି ଅପରେଟର ଗୁରୁତର

ସିମୁଳିଆ,୧୯।୪(ଡି.ଏନ.ଏ.): ସିମୁଳିଆ ବ୍ଲକ ଶିକ୍ଷା ବିଭାଗୀୟ ସର୍ବଶିକ୍ଷା ଅଭିଯାନର ମଧାହ୍ନଭୋଜନ ଡାଟା ଏଣ୍ଟ୍ରି ଅପରେଟର ଲିପାଞ୍ଜଳୀ ପରିଡ଼ା ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ସେ ନିଜ ଘର ଭଦ୍ରକରୁ ସ୍କୁଟି ଯୋଗେ ସିମୁଳିଆ ଆସୁଥିବା ବେଳେ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ସ୍କୁଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ତାଙ୍କ ହାତ, ମୁହଁ ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସିମୁଳିଆ ଓ ପରେ ଭଦ୍ରକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

### ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପଦ୍ମପୁର, ୧୯।୪(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ସାନଅଗାପୁର ଗ୍ରାମର ଜଣେ ବୃଦ୍ଧଙ୍କର ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ରମେଶ ଚନ୍ଦ୍ର ନାୟକ। ମଙ୍ଗଳବାର ପୂର୍ବାହ୍ନରେ ଶୌଚ ହେବା ପାଇଁ ଯାଇଥିବା ବେଳେ ଅସାବଧାନତା ଯୋଗୁ ନଦୀ ପାଣିରେ ବୁଡ଼ିଯାଇଥିଲେ। ତାଙ୍କର ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ସ୍ଥାନୀୟ ଧଳାନଦୀରୁ ତାଙ୍କର ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ। ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ ଓ ସମିତିସଭ୍ୟାଙ୍କର ପ୍ରତିନିଧି ଅଶୋକ କୁମାର ନାୟକ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ବାସୁଦେବପୁର ପୋଲିସକୁ ଖବର ଦେବା ସହ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

### ଯୁବତୀଙ୍କ ଆତ୍ମହତ୍ୟା

ଯୋଡ଼ା,୧୯।୪ (ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଆଜାଦବସ୍ତିରେ ମଙ୍ଗଳବାର ଜଣେ ଯୁବତୀ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ହେଲେ ରୀନା ମୁଣ୍ଡା। ତାଙ୍କ ଘର ଝାଡଖଣ୍ଡ ରାଜ୍ୟ ଚାଇଁବସାରେ କକଚ ଗ୍ରାମରେ। ସେ ମାସେ ହେଲା ତାଙ୍କ ମା'ଘର ଆଜାଦବସ୍ତିକୁ ବୁଲିବାକୁ ଆସିଥିଲା। ରୀନାଙ୍କ ମା' ଲକ୍ଷ୍ମୀ ଡାଙ୍ଗ ଦିନ ମଜୁରିଆ କାମ ସାରି ସନ୍ଧ୍ୟାରେ ଘରକୁ ଫେରିବା ପରେ ଘରେ ଝିଅର ଝୁଲନ୍ତା ମୃତଦେହ ଦେଖିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ।। ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ ୧୫/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ୬ ଫୁଟିଆ ନାଗ ଉଦ୍ଧାର

ସୋର, ୧୯।୪(ଡି.ଏନ.ଏ.)-ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଶଙ୍କରଦା ଗ୍ରାମର ଏକ ଘରୁ ୬ ଫୁଟ ଲମ୍ବର ଏକ ନାଗ ଉଦ୍ଧାର କରାଯାଇଛି। ଏହି ଗ୍ରାମର ବରେନ୍ଦ୍ର ବାରିକଙ୍କ ଘରେ ଏହି ନାଗ ପଶିଯାଇ କବାଟରେ ଚାପିହୋଇ ଅଟକି ରହିଥିଲା। ଘରଲୋକ ଏହାକୁ ଦେଖିପାରି ସାପ ଧରାଳି ହରେକୃଷ୍ଣ ବାରିକଙ୍କୁ ଖବର ଦେଇଥିଲେ। ସାପଧରାଳି ହରେକୃଷ୍ଣ ସେଠାରେ ପହଞ୍ଚି ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଦେବଗିରି ଜଙ୍ଗଲରେ ଛାଡ଼ିଥିଲେ।

# ସଫା ହେଉଛି ବନୀ ଜଙ୍ଗଲ

■ ଜଙ୍ଗଲ ବିଭାଗ ନୀରବଦ୍ରଷ୍ଟା
■ ଲୁଣାବନ୍ଧ ଧୋଇଯିବା ଆଶଙ୍କା

ପଦ୍ମପୁର, ୧୯।୪(ଡି.ଏନ.ଏ.)

ବଙ୍ଗୋପସାଗର କୂଳେ କୂଳେ ଲୁଣାବନ୍ଧର ଅବକ୍ଷୟ ରୋକିବା ତଥା ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ସୃଷ୍ଟି କରାଯାଇଥିଲା ବନି ଜଙ୍ଗଲ। ଜଙ୍ଗଲ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଦ୍ମୁଆଁ, ତେନ୍ତୁଳିଆଡ଼ିଆ, କୁଳିଖଟି ଆଡ଼ିଆ, ଚୁଡ଼ାମଣି, କୃଷ୍ଣପୁର, କଷିଆ, ଗୋପବନ୍ଧୁନଗର, ବିନୋବାଭାବେନଗର, ବାଲିମୁଣ୍ଡା, ଚାନ୍ଦବାଲି ବ୍ଲକର କରଣପଲ୍ଲୀରୁ ନେଇ ଧାମରା ପର୍ଯ୍ୟନ୍ତ ପରିବ୍ୟାପ୍ତ ଦୀର୍ଘ ଲୁଣାବନ୍ଧ କୂଳେ କୂଳେ ବନୀ ଚାରାରୋପଣ କରାଯାଇଥିଲା। ହେଲେ କିଛିଦିନ ହେଲା ସ୍ଥାନୀୟ ଅଞ୍ଚଳର ଲୋକେ ଏହାର ପତ୍ରକୁ ବହୁଳ ଭାବେ କାଟି ନେଇ ଗୋରୁ ଓ ମଇଁଷିଙ୍କ ଖାଦ୍ୟ ପାଇଁ ବ୍ୟବହାର କରୁଛନ୍ତି। ଏଥିସହ ଏହାର ଗଛକୁ କାଟିନେଇ ଜାଳେଣି ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଜଙ୍ଗଲ ବିଭାଗ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି ବୋଲି ଅଭିଯୋଗ ହେଉଛି। ଏହାକୁ ଧରିବା ବା ରୋକିବାରେ ସମର୍ଥ ହେଉନାହିଁ। କେଉଁଠି କାଁ ଭାଁ ଜଣେ ଦୁଇଜଣଙ୍କୁ ଧରି ଜରିମାନା ଆଦାୟ କରି ଛାଡ଼ି ଦେଉଛି। ଫଳରେ ବନୀ ଜଙ୍ଗଲ ଦିନକୁ ଦିନ କ୍ଷୟ ହେବାରେ ଲାଗିଛି। ଆଗାମୀ ଦିନରେ ଏହାକୁ ରୋକା ନ ଗଲେ ଲୁଣାବନ୍ଧ ଧୋଇଯିବା ସହ ସମୁଦ୍ର ଜନବସତି ଆଡ଼କୁ ମାଡ଼ି ଆସିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ବାସୁଦେବପୁର ବନଖଣ୍ଡ ଅଧିକାରୀ ବୈକୁଣ୍ଠ ବେହେରା କହିଛନ୍ତି, ପାଟ୍ରୋଲିଂ ପାଇଁ ଆବଶ୍ୟକ କର୍ମଚାରୀ ନ ଥିବାରୁ ସବୁବେଳେ ବନୀ କାଠ ଚୋରଙ୍କୁ ଧରି ହେଉନାହିଁ। ତେବେ ଆଗାମୀ ଦିନରେ ଏ ଦିଗରେ ଦୃଢ଼ ପଦକ୍ଷେପ ନିଆଯିବ।



ଲୋକେ ବନୀପତ୍ର ବୋହି ନେଉଛନ୍ତି।

# ଉତ୍କଳ ସାହିତ୍ୟ ସମାଜକୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ୨୦୨୦ ବର୍ଷ ପାଇଁ ଶତାୟୁ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ, କଟକଙ୍କୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରଦାନ କରାଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ, ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏବଂ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ସଭାପତିତ୍ୱ କରିଥିଲେ। ନିର୍ଦ୍ଦେଶକ ଦାସ କହିଥିଲେ, ଓଡ଼ିଆ ଭାଷାର ଅଗ୍ରଗତିରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା 'ଉତ୍କଳ ସାହିତ୍ୟ ସମାଜ' ଏହି ସମ୍ମାନ ଲାଭ କରିବା ଗୌରବର ବିଷୟ। ସଚିବ ପାଢ଼ୀ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପ୍ରଚଳିତ କଥିତ ଭାଷାକୁ କିଭଳି ଓଡ଼ିଆ ଭାଷାରେ ସାମିଲ କରିହେବ ସେ ଦିଗରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ମନ୍ତ୍ରୀ ପାଣିଗ୍ରାହୀ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ସ୍ୱରୂପ ଏକ ତାମ୍ରଫଳକ, ୫ଲକ୍ଷ ଟଙ୍କାର ମାନରାଶି ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏଥିସହ ୨୦୨୧ ଓ ୨୦୨୨ର ସମ୍ମାନ ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଆଚାର୍ଯ୍ୟ ଆଜିର ଲେଖକମାନଙ୍କୁ ଫକୀରମୋହନଙ୍କ ପଦାଙ୍କ ଅନୁସରଣ କରି କଥିତ ଭାଷାରେ ସାହିତ୍ୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। କଥିତ ଭାଷାର ସାହିତ୍ୟ ହିଁ ଅଧିକ ଲୋକପ୍ରିୟ ଓ କାଳଜୟୀ ହୋଇପାରିବ ବୋଲି କହିଥିଲେ। ସେହିପରି ଏକାଡେମୀ ସଭାପତି ମଲ୍ଲିକ ମାନବିକ ଦୟା ଓ ସମ୍ବେଦନ ହେଉଛି ବିଶ୍ୱ ସାହିତ୍ୟିକୁ ଫକୀରମୋହନଙ୍କ ସବୁଠାରୁ ବଡ଼ଦାନ ବୋଲି କହିଥିଲେ। ଏକାଡେମୀର ଉପସଭାପତି ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟରେ ସମାଜର ପଛୁଆବର୍ଗ ଓ ନିମ୍ନସ୍ତରରେ ଥିବା ମଣିଷଙ୍କ ପାଇଁ ଫକୀରମୋହନଙ୍କ ଲେଖା ସମର୍ପିତ ଥିଲା ବୋଲି କହିଥିଲେ। ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ଅତିଥିଙ୍କୁ ସ୍ୱାଗତ ଜଣାଇ ଫକୀରମୋହନଙ୍କ ସବୁ ସର୍ଜନା ନୂତନ ଦୀପ୍ତି ଓ ଦ୍ୟୁତିର ବାହକ ବୋଲି ମତ ପ୍ରକାଶ କରିଥିଲେ। ଲେଖକ ବିଜୟ ମଲ୍ଲ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ବହୁ ସଦସ୍ୟଙ୍କ ସମେତ ସଂସ୍କୃତି ବିଭାଗର ପଦାଧିକାରୀ, ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବାଲୁକାକଳାରେ 'ଯୁଦ୍ଧ ନୁହେଁ କେବଳ ଶାନ୍ତି' ବାର୍ତ୍ତା




ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଛାତ୍ରୀଛାତ୍ରଙ୍କ ସହଯୋଗରେ ପ୍ରସ୍ତୁତ ବାଲୁକା କଳାକୃତି।

**ଉପେନ୍ଦ୍ରନାଥ ସରକାରୀ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିନ**

ସିମୁଳିଆ, ୧୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କ୍ଷୀରକୋଣା ଉପେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଆୟୋଜିତ ବାଲୁକା ଚିତ୍ରକଳାରେ ସମ୍ପ୍ରତି ରୁଷ ଓ ୟୁକ୍ରେନର ଯୁଦ୍ଧ ସ୍ଥାନ ପାଇଛି। ଏଥିରେ ବାମ ପାର୍ଶ୍ୱରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଡାହାଣ ପାର୍ଶ୍ୱରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ବାଲୁକା ପ୍ରତିକୃତି ଜାତୀୟ ପତାକା ମଧରେ ସ୍ଥାନ ପାଇଛି। ବାଲୁକା ଚିତ୍ରଶିଳ୍ପୀ ଟୁନା ବେହେରା ଓ ତାଙ୍କ ସହଯୋଗୀ ବଂଶୀଧର ଦାସ ଛାତ୍ରୀଛାତ୍ରଙ୍କ ସହଯୋଗରେ 'ଯୁଦ୍ଧ ନୁହେଁ କେବଳ ଶାନ୍ତି' ଆବଶ୍ୟକତା ବାର୍ତ୍ତା ସାଧାରଣରେ ପ୍ରଶଂସା କରାଯାଇଛି। ମୁଖ୍ୟଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ ଶ୍ରୀମା ଅରବିନ୍ଦଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରି ପ୍ରତ୍ୟେକ ବ୍ୟକ୍ତି ନିଜକୁ 'ମୁଁ କିଏ, ମୁଁ କେଉଁଠି ଅଛି' ବୋଲି ପ୍ରଶ୍ନ କଲେ ଉତ୍ତର ଆପେ ଆପେ ମିଳିଯିବ। ସମଗ୍ର ବିଶ୍ୱ ବର୍ତ୍ତମାନ ଦୁଇ ଭାଗରେ ବିଭକ୍ତ ହୋଇଛି। ପାଶ୍ଚାତ୍ୟ ସଂସ୍କୃତିରେ ଜୀବନ ଜଡ଼ ସହିତ ତୁଳନା ହୋଇଥିବା ବେଳେ ଭାରତୀୟ ସଂସ୍କୃତିରେ ମହାନତା ରହିଛି। ପ୍ରାୟ ୫୦/୬୦ଟି ଦେଶରେ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଥିବା ବେଳେ ବାକି ଦେଶରେ ଏହା ନିର୍ମାଣ ହୋଇଗଲେ ପରିସ୍ଥିତି ଆପଣାଛାଏଁ ବଦଳିଯିବ ବୋଲି କହିଥିଲେ। ସେହିପରି ଏହି ବିଦ୍ୟାଳୟର ବୟୋବୃଦ୍ଧ ପୁରାତନ ଶିକ୍ଷକ ଜଗବନ୍ଧୁ ବେହେରାଙ୍କୁ ରାଜ୍ୟପାଳ ଆଲିଙ୍ଗନ କରିବା ନେଇ ପ୍ରଶଂସା କରାଯାଇଥିଲା। ଗତ ସୋମବାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ବୁଧବାର ଶେଷ ହେବ ବୋଲି ପୁରାତନ ଛାତ୍ରସଂସଦ ପକ୍ଷରୁ କୁହାଯାଇଛି।

# ଶ୍ରୀମନ୍ଦିର ସୁରକ୍ଷା ଉଦ୍ଦେଶ୍ୟରେ ଦୀପଦାନ

ସୋର, ୧୯।୪(ଡି.ଏନ୍.ଏ.)

ସୋର ବ୍ଲକ ଅଧୀନ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ଉଦ୍ଦେଶ୍ୟରେ ସାଧାରଣ ବୈଠକ ସହ ସମୂହ ଦୀପଦାନ ଅନୁଷ୍ଠିତ ହୋଇଯାଇଛି। ଏବେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ଚାଲୁ ରହିଛି। ଶ୍ରୀ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଥିବାରୁ ଏହି କମିଟି ପକ୍ଷରୁ ସୁରକ୍ଷା ଦାବିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ କରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିସହ ମନ୍ଦିର ସୁରକ୍ଷା ପାଇଁ ପରିଚାଳନା କମିଟି ସହ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଶତାଧିକ ଦୀପଦାନ ସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରାଇଛି। ବିଜୟ କୁମାର କର, ରଜନୀକାନ୍ତ ପାଣିଗ୍ରାହୀ, ଚିତ୍ତରଂଜନ ଦାସ, ବରଞ୍ଚିନାରାୟଣ ପଣ୍ଡା, ସୁଧାଂଶୁ ଶେଖର କର, ଲକ୍ଷ୍ମଣ କୁମାର ପାତ୍ର, ବସନ୍ତ କୁମାର କର, ବସନ୍ତ କୁମାର ଘଡାଇ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ଶଂଖୁଆ, ଅରୂପ କୁମାର ପଣ୍ଡା ଓ ନକୁଳ କୁମାର କର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣାରେ ଜଣେ ଗିରଫ

ବାରିପଦା ଅଫିସ,୧୯।୪

ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଞ୍ଚଳର ୧୦ମ ଶ୍ରେଣୀରେ ପଢୁଥିବା ଜନୈକା ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଗଣ ବଳାତ୍କାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଡ଼ତଳସାହି ଅଞ୍ଚଳର ମଣ୍ଟୁ ବେହେରା।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୩୦ରେ ଛାତ୍ରୀ ଜଣକ ସ୍କୁଲକୁ ଯାଉଥିବା ସମୟରେ ଅଭିଯୁକ୍ତ ଜଣକ ତାଙ୍କୁ ଜବରଦସ୍ତ ବାଇକ୍‌ରେ ବସାଇ ଶିମିଳିପାଳ ସଂଲଗ୍ନ ଘୋଡ଼ାଘଗରି ଅଞ୍ଚଳକୁ ନେଇ ଯାଇଥିଲେ। ପରେ ଫୋନ ଯୋଗେ ଅନ୍ୟ ଦୁଇ ସହଯୋଗୀଙ୍କୁ ଡକାଇ ୮ଦିନ ଧରି ଛାତ୍ରୀଙ୍କ ଗୋଡ଼ ହାତ ବାନ୍ଧି ଗଣ ବଳାତ୍କାର କରିଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଝିଅର ସନ୍ଧାନ ନ ପାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ କୌଶଳ କ୍ରମେ ଛାତ୍ରୀ ଜଣକ ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ପୂର୍ବକ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କେନ୍ଦୁଝର-କାଞ୍ଜିପାଣି ବସ୍ ଚଳାଚଳ ଦାବି

କେନ୍ଦୁଝର, ୧୯।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟାଳୟରୁ ଜୁଆଙ୍ଗ ଅଧ୍ୟୁଷିତ ଗୁଳ୍ମା, ଗୋନାସିକା ଦେଇ କାଞ୍ଜିପାଣିକୁ ବସ ଚଳାଚଳ ପାଇଁ କେନ୍ଦୁଝର ସିଟିଜେନ ଫୋରମ ପକ୍ଷରୁ ଓଏସ୍‌ଆର୍‌ଟିସି ସ୍ଥାନୀୟ ଡିଟିଏମଙ୍କୁ ଦାବିପତ୍ର ଦିଆଯାଇଛି। ଉକ୍ତ ଅଞ୍ଚଳର ଲୋକଙ୍କ ଦାବି ପରେ ଫୋରମ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣା ପଡ଼ିଛି। ଗମନାଗମନ ସୁବିଧା ନ ଥିବାରୁ ଉକ୍ତ ଅଞ୍ଚଳର ବନବାସୀ ବିଶେଷ କରି ଜୁଆଙ୍ଗ ଜନଜାତିଙ୍କ ପାଇଁ ଯିବା ଆସିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ହଜାର ହଜାର ସଂଖ୍ୟାରେ ଏହି ବନବାସୀ ଜିଲା ମୁଖ୍ୟାଳୟକୁ ଅଫିସ କାମରେ ବା ଫଳ ମୂଳ, ପନିପରିବା ଆଦି ବିକା କିଣା ପାଇଁ ଆସି ପାରୁ ନ ଥିବା ବେଳେ ଛୋଟ ଛୋଟ ଯାତ୍ରୀବାହୀ ଜିପ, ଅଟୋ ଆଦି ଉପରେ ନିର୍ଭର କରିବାକୁ ପଡୁଛି। ଏହା ଦ୍ୱାରା ସେମାନଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବା ସହ ଗାଡ଼ି ନ ପାଇ ଚାଲି ଚାଲି ବଣ ଜଙ୍ଗଲ ରାସ୍ତାରେ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରିବାକୁ ପଡ଼ିଥାଏ। ଅନେକ ସମୟରେ କେନ୍ଦୁଝରରେ ରାତି କଟାଇବାକୁ ପଡ଼େ ବୋଲି ସେମାନେ କୁହନ୍ତି। ସୋମବାର ଏନେଇ ଫୋରମର ବରିଷ୍ଠ ସଦସ୍ୟ ଇଂ ଅଜୟ କୁମାର ସାହୁ, ବିରଜା ମିଶ୍ର ପ୍ରମୁଖ ଓଏସ୍‌ଆର୍‌ଟିସି ସ୍ଥାନୀୟ ଡିଟିଏମ ବାଲୁଙ୍କେଶର ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଗିରଫ ସଂଖ୍ୟା ୧୭କୁ ବୃଦ୍ଧି

**ଯୋଡ଼ାରେ ଗୋଷ୍ଠୀ ସଂଘର୍ଷ ଘଟଣା**

ଯୋଡ଼ା, ୧୯।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରରେ ରାମନବମୀରେ ଝଣ୍ଡା ସ୍ଥାପନକୁ ନେଇ ହୋଇଥିବା ଗୋଷ୍ଠୀ ସଂଘର୍ଷ ମାମଲାରେ ପୋଲିସ ଆଉ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ମାମଲା (ନଂ.୬୫/୨୨) ଯୋଡ଼ାର ବସ୍ତି ଅଞ୍ଚଳରେ ରହୁଥିବା ରାଜୁ କାରୁଆ ଓରଫ ଟିମା ଓ ତପନ ପାତ୍ର ଓରଫ ହାତୀଙ୍କୁ ଗିରଫ କରିଛି। ପୋଲିସ ପୂର୍ବରୁ ୧୫ ଜଣଙ୍କୁ ଏହି ଗୋଷ୍ଠୀ ସଂଘର୍ଷ ମାମଲାରେ ଗିରଫ କରିସାରିଛି। ଏମାନଙ୍କୁ ମିଶାଇ ସମୁଦାୟ ଏହି ମାମଲାରେ ପୋଲିସ ୧୭ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ବହୁ ଅଭିଯୁକ୍ତଙ୍କ ସଂପୃକ୍ତି ରହିଥିବା ପୋଲିସ ପ୍ରକାଶ କରିଛି। ପ୍ରକାଶ ଯୋଗ୍ୟ କି, ରାମ ନବମୀ ପର ଦିନ ୪ନଂ ୱାର୍ଡ ରେ ଥିବା ଏକ ଶିବ ମନ୍ଦିରରେ ରାମ ଝଣ୍ଡା ସ୍ଥାପନକୁ ନେଇ ଉଭୟ ଗୋଷ୍ଠୀ ମଧରେ ଢେଲା ପଥର ମାଡ଼ ହୋଇଥିଲା ।

# ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ପ୍ରୟାସ

**ବାଲିଆପାଳ, ଭୋଗରାଇରେ ମେଗା ସ୍ୱାସ୍ଥ୍ୟମେଳା**



ବାଲିଆପାଳ ଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟମେଳାରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ସହ ଅନ୍ୟମାନେ।

ବାଲିଆପାଳ/ଭୋଗରାଇ, ୧୯।୪(ସ୍ୱ.ପ୍ର/ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଓ ଭୋଗରାଇ ବ୍ଲକରେ ମେଗା ସ୍ୱାସ୍ଥ୍ୟମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବ୍ଲକ ଜଗତିପୁର ପଞ୍ଚାୟତ କରଞ୍ଜ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱାସ୍ଥ୍ୟମେଳାକୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ବେଣୁଧର ହୋଇ ପରିଚାଳନା କରିଥିଲେ। ବାଲିଆପାଳ ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ବିଜନ ନାୟକ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାର ଡା. ମୃତ୍ୟୁଞ୍ଜୟ ମିଶ୍ର, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଡା. ନିୟୁଶ୍ରୀ ପାଣି, ବାଲିଆପାଳ ପଞ୍ଚାୟତ ସମିତି ଉପାଧକ୍ଷ ରାଜେଶ ଚୌଧୁରୀ, ସମିତିସଦସ୍ୟ ଶାନ୍ତନୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ ଏବଂ ଜିଲା ପ୍ରକଳ୍ପ ପରିଚାଳକ ଅନିଲ କୁମାର ମହାନ୍ତି ଶିବିର ପରିଦର୍ଶନ କରିଥିଲେ। ଶିବିରରେ ୧୨୬୬ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଆବଶ୍ୟକସ୍ଥଳେ ବିଭିନ୍ନ ନମୁନା ପରୀକ୍ଷା ମଧ କରାଯାଇଥିଲା। ସେହିପରି ଭୋଗରାଇ ବ୍ଲକ ଜଳେଶ୍ୱରପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱାସ୍ଥ୍ୟମେଳାକୁ ମୁଖ୍ୟଅତିଥି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ୧୮୩ ରୋଗୀଙ୍କୁ ଡାକ୍ତରୀ ବିଶେଷଜ୍ଞ ଦଳ ପରୀକ୍ଷା ନୀରିକ୍ଷା କରି ରୋଗୀଙ୍କୁ ପରାମର୍ଶ ଦେବା ସହିତ ବିନା ଶୁଳ୍କରେ ଔଷଧ ବଣ୍ଟନ କରାଯାଇଥିଲା। ଜିଲା ଡିପିଏମ୍ ଅନୀଲ ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ, ଏଡିପିଏଚ୍‌ଓ ଡା. ମୃତ୍ୟୁଞ୍ଜୟ ମିଶ୍ର, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା, ବିଡିଓ ଶଙ୍କର ପଟ୍ଟନାୟକ, ତହସିଲଦାର କମଳାକାନ୍ତ ପଣ୍ଡା, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗର ବିପିଏମ୍ କବି ପ୍ରସାଦ ସାହୁ ସ୍ୱାସ୍ଥ୍ୟମେଳାରେ ଯୋଗଦେଇଥିଲେ।



**ବଣକାଟୀ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି**

ବାଙ୍ଗିରିପୋଷି,୧୯।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ବଣକାଟୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ରବିବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ କାର୍ଯ୍ୟାଳୟର ତାଲା ଭାଙ୍ଗି ଏକ ଇନଭର୍ଟର ମେସିନ ସହ ବ୍ୟାଟେରି ଏବଂ ଦୁଇଟି ଟେବୁଲ ଫ୍ୟାନ ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ୩୧ ଅଭିଯୋଗ ଶୁଣାଣି କଲେ ଜିଲାପାଳ

ବାରିପଦା ଅଫିସ,୧୯।୪: ମୟୂରଭଞ୍ଜ ଜିଲା କରଞ୍ଜିଆ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଏସ୍‌ପି ରଷିକେଶ ଦ୍ୟାନଦେଓ ଖିଲାରୀ ଉପସ୍ଥିତ ରହି ୩୧ଟି ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ଦାୟିତ୍ୱରେ ଥିବା ପିଏଆଇଟିଡିଏ ଦେବଦତ୍ତ ମହାନ୍ତଙ୍କ ସହଯୋଗରେ ରାଜସ୍ୱ ଅଧିକାରୀ ମନ୍ମଥ ମଲ୍ଲିକ, ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, ଯୋଗାଣ ଅଧିକାରୀ, ଉପଖଣ୍ଡର ସମସ୍ତ ପଦାଧିକାରୀ, କର୍ମଚାରୀ ଏହି ଶିବିରରେ ଯୋଗ ଦେଇଥିଲେ।

### ଅପହୃତ ନାବାଳିକା ପଶ୍ଚିମବଙ୍ଗରୁ ଉଦ୍ଧାର

ପଦ୍ମପୁର,୧୯।୪(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ମାର୍ଚ୍ଚ ୧୦ ତାରିଖରେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ସୋମବାର ନାୟକାଣିଡିହୀ ପୋଲିସ ତାଙ୍କୁ ପଶ୍ଚିମବଙ୍ଗରୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଏହି ନାବାଳିକା ଅପହରଣକୁ ନେଇ ଥାନାରେ ଏକ ମାମଲା(ନଂ.୬୪/୨୨) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଦେବେନ୍ଦ୍ର କୁମାର ମୁର୍ମୁ କୌଣସି ସୂତ୍ରରୁ ଖବର ପାଇ ପଶ୍ଚିମବଙ୍ଗରେ ନାବାଳିକାକୁ ଠାବ କରି ଥାନାକୁ ଆଣିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଯୁବକ ରତିକାନ୍ତ ମହାକୁଡ଼କୁ ପୋଲିସ ଗିରଫ କରିବା ସହ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୨୫ରେ ଜନ ଶୁଣାଣି ଶିବିର

ଉଦଳା,୧୯।୪(ଡି.ଏନ.ଏ.): କରୋନା କଟକଣା ପାଇଁ ସ୍ଥଗିତ ଥିବା ଯୁଗ୍ମ ଜନଶୁଣାଣି ଶିବିର ଚଳିତ ଏପ୍ରିଲ ମାସଠାରୁ ଆରମ୍ଭ ହେବ। ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆସନ୍ତା ୨୫ରେ କପ୍ତିପଦା ଉପଖଣ୍ଡ ନିମନ୍ତେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଆୟୋଜିତ ହେବ। ସକାଳ ସାଢେ ୮ଟାରୁ ଏହା ଆରମ୍ଭ ହେବ। ଏହି ଶିବିରରେ ଉପଖଣ୍ଡ ତଥା ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହି ଆସିଥିବା ଅଭିଯୋଗ ଗୁଡିକର ସମାଧାନ କରିବେ।

### ଅଗ୍ନି ନିରାପତ୍ତା ସଚେତନତା ଶିବିର

ପାଟଣା,୧୯।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଶିଶୁ ମନ୍ଦିରରେ ମଙ୍ଗଳବାର ୭୮ ତମ ବିଦ୍ୟୁତ ନିରାପତ୍ତା ସପ୍ତାହ ଉପଲକ୍ଷେ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିଃ ତରଫରୁ ଅଗ୍ନି ନିରାପତ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ତୁରୁମୁଙ୍ଗା ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଚିରଞ୍ଜିତ ସାହୁ, କେନ୍ଦୁଝର ଟିପିଏନ୍‌ଓଡିଏଲର ନିରାପତ୍ତା ଅଧିକାରୀ ଗୌରୀଶ ଧୂର୍ବେ, ପାଟଣା, ସାହାରପଡ଼ା ବିଦ୍ୟୁତ ସର୍କଲର ସମସ୍ତ ଯନ୍ତ୍ରୀଙ୍କ ସହ ବିଦ୍ୟୁତ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣା ଅଗ୍ନିଶମ ବିଭାଗ ତରଫରୁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ, ସାରା ଦେଶରେ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ସକାଶେ ଏପ୍ରିଲ ୧୪ରୁ ୨୧ ପର୍ଯ୍ୟନ୍ତ ୭ଦିନ ଧରି ଅଗ୍ନିସୁରକ୍ଷା ସପ୍ତାହ ପାଳିତ ହେଉଛି। ପାଟଣା ଅଗ୍ନିଶମ ପରିଚାଳକ ମନୋରଞ୍ଜନ ମହାନ୍ତ, ଆଗ୍ନିକ ଚନ୍ଦ୍ରାଇ ସୋରେନ, ମଳୟ ମଲ୍ଲିକ, ଅରୁଣ ରାଉତ ପ୍ରମୁଖ ଉପସ୍ଥିତ ରହି କିଭଳି ଅଗ୍ନିକୁ ଆୟତ୍ତ କରିହେବ ତାରି ଉପରେ ପ୍ରଶିକ୍ଷଣ ସହ ଅଭିଭାଷଣ ପ୍ରଦାନ କରିଥିଲେ।

### ୪ ବ୍ୟାଟେରି ଚୋର ଗିରଫ

ଧାମନଗର,୧୯।୪: ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ଭିନ୍ନ ଭିନ୍ନ ସରକାରୀ କାର୍ଯ୍ୟାଳୟରୁ କିଛିଦିନ ଧରି ଲଗାତାର ଚୋରି ହେଉଥିବା ବେଳେ ସୋମବାର ଧାମନଗର ପୋଲିସ ୪ ଚୋରଙ୍କୁ ଗିରଫ କରିଛି। ଧାମନଗର ଏନ୍‌ଏସି ପଛପଟ କାର୍ଯ୍ୟାଳୟ ପାଖରେ ଥିବା ସ୍ୱଚ୍ଛଗାଡ଼ିରୁ ଚୋରମାନେ ୪ଟି ବ୍ୟାଟେରି ଚୋରି କରି ନେଇଥିବା ବେଳେ ବ୍ଲକ କଲୋନୀରେ ଏକ ଆଧାର କେନ୍ଦ୍ରରୁ ବ୍ୟାଟେରି, ଇନଭର୍ଟର,ଫ୍ୟାନ, କମ୍ପ୍ୟୁଟର ଓ ପ୍ରିଣ୍ଟର ଚୋରି ହୋଇଥିଲା। ସେହିପରି ଗୋଟିଏ ଦିନରେ ଧାମନଗର ପ୍ରେସ କ୍ଲବର ତାଲା ଭାଙ୍ଗି ସମସ୍ତ ଆସବାବପତ୍ର ଚୋରି ହୋଇଥିବା ବେଳେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟରୁ ତାଲା ଭାଙ୍ଗି କମ୍ପ୍ୟୁଟର, ପ୍ରିଣ୍ଟର ସହ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିଲା। ସୋମବାର ରାତିରେ ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଚୋରଙ୍କୁ ଗିରଫ କରି ମାମଲା (ନଂ ୧୪୦/୨୨)ରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ପରୀକ୍ଷାର୍ଥୀଙ୍କୁ ମିଳିଲା ଆଶ୍ୱସ୍ତି

## ୧୨୦ ପରିବର୍ତ୍ତେ ୧୫କି.ମି. ଭିତରେ ହେବ ପରୀକ୍ଷାକେନ୍ଦ୍ର

ବାରିପଦା ଅଫିସ,୧୯।୪

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଟର୍ମ-୨ ପରୀକ୍ଷା ଦେବାକୁ ଥିବା ପରୀକ୍ଷାର୍ଥୀଙ୍କୁ ଆଶ୍ୱସ୍ତି ମିଳିଛି। ୧୨୦କି.ମି. ଦୂର ପରିବର୍ତ୍ତେ ମାତ୍ର ୧୫କି.ମି. ଦୂରରେ ପରୀକ୍ଷା କେନ୍ଦ୍ର ହେବା ନେଇ ବିଭାଗ ପକ୍ଷରୁ ସ୍ଥିର ହୋଇଥିବାରୁ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଚିନ୍ତାମୁକ୍ତ ହୋଇଛନ୍ତି। ୧୨୦କି.ମି.ଦୂରରେ ହୋଇଥିବା ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ କରିବାକୁ ବଡ଼ସାହି ବିଧାୟକ ସନାତନ ବିଜୁଳି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶକ କେ. ଶ୍ରୀନିବାସନଙ୍କୁ ଭେଟି ଦାବି କରିବା ପରେ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।



ବିଧାୟକ ସନାତନ ବିଜୁଳି ଆଞ୍ଚଳିକ ଅଧିକାରୀଙ୍କୁ ଭେଟି ଦାବି ଦାବିପତ୍ର ଦେଉଛନ୍ତି।

ରାଇରଙ୍ଗପୁର ପରିବର୍ତ୍ତେ ଖୁଣ୍ଟା ବ୍ଲକ ଟିଟିଆ ସ୍ଥିତ ଆଦର୍ଶ ବିଦ୍ୟାଳୟରେ ପରୀକ୍ଷାକେନ୍ଦ୍ର ହେବ ବୋଲି ବିଭାଗୀୟ ଚିଠିନଂ.୨୦୪୬/୧୮ ଏପ୍ରିଲ ୨୦୨୨ରେ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

ପ୍ରକାଶ ଥାଉକି, ବଡ଼ସାହି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଟର୍ମ-୨ ପରୀକ୍ଷା ନିମନ୍ତେ ୧୨୦କି.ମି ଦୂର ରାଇରଙ୍ଗପୁରଠାରେ କେନ୍ଦ୍ର କରାଯାଇଥିଲା। ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅଭିଭାବକମାନେ ଗତ ୧୬ତାରିଖରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିବା ସହ କେନ୍ଦ୍ର ପରିବର୍ତ୍ତନ କରିବା ପାଇଁ ଦାବି କରିଥିଲେ। ଦାବି ପୂରଣ କରିବା ନେଇ ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ବଡ଼ସାହି ବିଧାୟକ ବିଜୁଳି ମଧ୍ୟ ଭୁବନେଶ୍ୱରରେ ଥିବା ସିବିଏସ୍‌ଇ ରିଜିଓନାଲ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ଜଳେଶ୍ୱରରେ ଜଜ୍-ଓକିଲ ମୁହାଁମୁହିଁ

## ରେଜିଷ୍ଟ୍ରାରଙ୍କ ଉପସ୍ଥିତିରେ ସମାଧାନ

ଜଳେଶ୍ୱର,୧୯।୪(ଡି.ଏନ.ଏ.)

ଆଇନଜୀବୀଙ୍କ ପ୍ରତି ବାଲେଶ୍ୱର ଜିଲାର ଜଳେଶ୍ୱର କୋର୍ଟର ସିଭିଲ ସିନିୟର ଡିଭିଜନ୍ ଜଜ୍ ଦୀପା ଦାସଙ୍କ କଟୁ ମନ୍ତବ୍ୟ ପ୍ରତିବାଦରେ ମଙ୍ଗଳବାର ଆଇନଜୀବୀମାନେ ଏକାଠି ହୋଇ ବିରୋଧ କରିଥିଲେ । ଫଳରେ କୋର୍ଟ କାର୍ଯ୍ୟ ଅଚଳ ହୋଇପଡ଼ିଥିଲା । ଜଳେଶ୍ୱରର ସିନିୟର ଡିଭିଜନ୍ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଛୁଟିରେ ଥିବାରୁ ଦୀପା ଦାସ ସେହି ପଦବୀରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ଜଣେ ଆଇନଜୀବୀଙ୍କୁ ଜଜ୍ ଦୀପା ଦାସ କଟୁ ମନ୍ତବ୍ୟ ଦେବାରୁ ସେଥିରେ ଅତିଷ୍ଠ ହୋଇ ଜଜ୍‌ଙ୍କ କାର୍ଯ୍ୟାଳୟ ବାହାରେ ଧାରଣାରେ ବସିଥିଲେ। ତାଙ୍କୁ ସମର୍ଥନ କରି କୋର୍ଟର ବହୁ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ଧାରଣାରେ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ୧ ପ୍ଲାଟୁନ୍ ପୋଲିସ୍ ମୁତୟନ ହୋଇଥିଲା। ଏ ସମ୍ପର୍କରେ ଜିଲା ଜଜ୍ ଖବରପାଇ ରେଜିଷ୍ଟ୍ରାର ବିଜୟ କୁମାର ଦାସଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଶେଷରେ ତାଙ୍କ ଉପସ୍ଥିତିରେ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଜଜ୍ ଦୀପା ଦାସଙ୍କ କାର୍ଯ୍ୟକାଳ ଶେଷଦିନ ଥିଲା।

# ଧର୍ମାନ୍ତରୀକରଣ ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଭଦ୍ରକ ଅଫିସ, ୧୯।୪

ଦେଶରେ ବେଆଇନ ଭାବେ ଧର୍ମ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ କିଛି ବର୍ଷ ହେଲା ଅନେକ ଅଣହିନ୍ଦୁ ସଂସ୍ଥା ଭଦ୍ରକରେ କାୟା ବିସ୍ତାର କରିବାରେ ଲାଗିଛନ୍ତି। ଏହି ଧର୍ମାନ୍ତୀକରଣକୁ ବନ୍ଦ କରିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାହାର ଜିଲାରୁ ଅଣହିନ୍ଦୁ ଲୋକ ଆସି ସେବା ସଂସ୍ଥା, ସ୍କୁଲ ଆଦି ନାମରେ ହିନ୍ଦୁ ବହୁଳ ସ୍ଥାନରେ ସେମାନଙ୍କ ଧର୍ମାନୁଷ୍ଠାନ ନିର୍ମାଣ ଆରମ୍ଭ କରିଛନ୍ତି। ବଜରଙ୍ଗ ଓ ବିଶ୍ୱ ହିନ୍ଦୁ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏହାକୁ ରୋକାଯିବା ନିମନ୍ତେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ଭଦ୍ରକ ଜିଲା ତଥା ସହରର ନିକଟସ୍ଥ ବେନ୍ତାଳ, ଗେଲଟୁଆ, ପରସିଙ୍ଗା, ଦୈସିଂ, ବ୍ରହ୍ମପୁର, ଆମ୍ବରୋଳି, ତଳାଙ୍ଗ, ଜଳଙ୍ଗା, ଏରେଇଁ ପଞ୍ଚାୟତ ସମେତ ତିହିଡ଼ି, ଦୋଳସାହି, ଭଣ୍ଡାରିପୋଖରୀର ନିର୍ଗୁଣ୍ଡି ପଞ୍ଚାୟତର ପିରିପୁର ଅଞ୍ଚଳରେ ଏସବୁ କାର୍ଯ୍ୟକଳାପ ଚାଲୁଛି। ଏସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବଜରଙ୍ଗ ଦଳର କର୍ମକର୍ତ୍ତା ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଜରଙ୍ଗ ଦଳର ପୂର୍ବ ପ୍ରାନ୍ତ ସଂଯୋଜକ ମାନସ ମହାନ୍ତିଙ୍କ ନେତୃତ୍ୱରେ କ୍ଷୀତିଶ ରାଉତ, ଚନ୍ଦ୍ରମୋହନ ମହାପାତ୍ର, ଶ୍ୟାମସୁନ୍ଦର ଅଗ୍ରୱାଲ, ସୁବ୍ରତ ରାଉତ, ସନ୍ତୋଷ ବେହେରା, ଶିବଶଙ୍କର ଦାସ, ରବିନାରାୟଣ ସାହୁ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଭଣ୍ଡାରିପୋଖରୀ, ୧୯।୪ (ଡି.ଏନ.ଏ.)

ଧାମନଗର ମହାବିଦ୍ୟାଳୟରେ ଆଠ ଦିନ ବ୍ୟାପୀ ଅନୁଷ୍ଠିତ ଛାତ୍ରୀ ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧାମନଗର ଥାନା ଏସ ଆଇ ମୋନାଲିସା ପ୍ରଧାନ, ଅନ୍ୟତମ ଅତିଥି ଭାବେ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସ୍ମରଣୀକା ପ୍ରଧାନ, ବାସ୍ତବିକା ଦାସ, ଆଦ୍ୟାରଶ୍ମି ମିଶ୍ର ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ। ଶିବିରାର୍ଥୀ ଛାତ୍ରୀ ମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କଳାପରେ ଅଂଶଗ୍ରହଣ କାରି ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ମନୋଜ କର, ଅଧ୍ୟାପକ ସଞ୍ଜୟ ପଣ୍ଡା, ପ୍ରଶାନ୍ତ ପରିଡା, ସାଜିଆ ତମକିନ, ହରପ୍ରିୟା ସେଠୀ ପରିଚାଳନା କରିଥିଲେ।

# ଆୟୁଷ୍ମାନ ଚାମ୍ପିୟନ





କେନ୍ଦୁଝର, ୧୯।୪(ସ୍ୱ.ପ୍ର.)

କେନ୍ଦୁଝରର ଉଦୀୟମାନ ଚେସ୍ ତାରକା ମାଷ୍ଟର ଆୟୁଷ୍ମାନ କେନ୍ଦୁଝର ଟାଉନ ହଲ ଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଚେସ ଟୁର୍ନାମେଣ୍ଟରେ ୧୩ ବର୍ଷରୁ କମ ବିଭାଗରେ ଚାମ୍ପିୟନ ହୋଇ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ଖେଳିବା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ସମଗ୍ର ଜିଲାରୁ ସମୁଦାୟ ୫୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପିତା ମାତା, ଅଭିଭାବକ ତଥା ସମଗ୍ର ଜିଲାରେ ଖୁସିର ଲହରୀ ଖେଳି ଯାଇଛି। ଭବିଷ୍ୟତରେ ରାଜ୍ୟ ପାଇଁ ଖେଳି ସୁନାମ ଅର୍ଜନ ଲକ୍ଷ୍ୟ ରଖିଥିବା ତାଙ୍କ ପିତା ଦେବାଶିଷ ମିଶ୍ର କହିଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଆର୍‌ଡିସି



ବୈଠକରେ ଉପସ୍ଥିତ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ ଓ ଅନ୍ୟ ଅଧିକାରୀମାନେ।

ବାଲେଶ୍ୱର ଅଫିସ, ୧୯।୪

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଡ. ସୁରେଶ ଚନ୍ଦ୍ର ଦଳାଇ ମଙ୍ଗଳବାର ବାଲେଶ୍ୱର ଗସ୍ତରେ ଆସି ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ନୀଲୁ ମହାପାତ୍ର, ପିଡି ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ତଥା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଈଶର ପାଟିଲ, ବାଲେଶର ଉପଜିଲାପାଳ କୁନାଲ ଚୌହାନ, ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଏସ୍‌ପି ଅମରେଶ କୁମାର ପାଣିଗ୍ରାହୀ, ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲା ଏକ ବାତ୍ୟାପ୍ରବଣ ଜିଲା ହୋଇଥିବାରୁ ଆବାସ ଯୋଜନାରେ ସମ୍ପ୍ରତି ଚାଲିଥିବା ଗୃହନିର୍ମାଣ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଗ୍ରୀଷ୍ମ ପ୍ରବାହରେ ଯେପରି ଶ୍ରମିକମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ କାମ ନ କରନ୍ତି ତାହା ସୁନିଶ୍ଚିତ କରିବାକୁ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟାନ୍ୟ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ସରକାରୀ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ଟଙ୍କା,ସୁନା ଲୁଟି ନେଲେ

ଠାକୁରମୁଣ୍ଡା,୧୯।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣି ଯୋଡ଼ିବିଲ ସାହିସ୍ଥିତ ଜଣକ ଘରେ ଦିନ ଦ୍ୱିପ୍ରହରରେ ଚୋରମାନେ ପଶି ଟଙ୍କା, ସୁନା ଲୁଟି ନେଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ତଦନ୍ତ ଜାରି ରଖିଛି। ଗ୍ରାମର ଶିବ ମହାନ୍ତ ମଙ୍ଗଳବାର କେନ୍ଦୁଜିଆଣି ସ୍ଥିତ ସାପ୍ତାହିକ ହାଟକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ କରଞ୍ଜିଆ ମହିଳା ମହାବିଦ୍ୟାଳୟର ଜଣେ କର୍ମଚାରୀ ହୋଇଥିବାରୁ ସେ ମଧ୍ୟ କଲେଜକୁ ପଳାଇ ଯାଇଥିଲେ। କେହି ନ ଥିବା ସୁଯୋଗରେ ଚୋରମାନେ ଘର କବାଟ ଭାଙ୍ଗି ଆଲମିରାରେ ଥିବା ୩ଟି ସୁନା ଚେନ, ୬ ହଳ ସୁନା କାନ ଫୁଲ, ୩ଟି ସୁନା ମୁଦି, ପାଉଁଜି ୩ ହଳ ସହ ନଗଦ ୪୫ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ସ୍ଥାନୀୟ କେନ୍ଦ୍ରରେ ସାଧାରଣ ବଣ୍ଟନ ପାଇଁ ଦାବି

ଯୋଡ଼ା,୧୯।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ଅନ୍ତର୍ଗତ ଗୋବର୍ଦ୍ଧନପୁର, ସିଆଳି ଯୋଡ଼ା ଓ କିତାବେଡା ଗ୍ରାମବାସୀ ସ୍ଥାନୀୟ କେନ୍ଦ୍ରରେ ସାଧାରଣ ବଣ୍ଟନ କରିବାକୁ ଦାବି ନେଇ ମଙ୍ଗଳବାର ଯୋଡ଼ା ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ ଗ୍ରାମର ହିତାଧିକାରୀ ମାନେ ଦୀର୍ଘ ବର୍ଷ ହେବ ସ୍ଥାନୀୟ ଗୋବର୍ଦ୍ଧନପୁରର ଏକ କେନ୍ଦ୍ରରୁ ରାଶନ ସାମଗ୍ରୀ ପାଉଥିଲେ ଏବଂ ସେଥିରେ ସେମାନଙ୍କର କୌଣସି ପ୍ରକାର ଆପତ୍ତି ଅଭିଯୋଗ ନ ଥିଲା। ମାତ୍ର କୌଣସି କାରଣ ନ ଥାଇ ସେମାନଙ୍କୁ ଉକ୍ତ ଗ୍ରାମ ଠାରୁ ପ୍ରାୟ ୫/୬କି.ମି. ଦୂର ମହାଦେବ ନସା କେନ୍ଦ୍ରରେ ରାଶନ ସାମଗ୍ରୀ ଦିଆଯାଉଛି। ଉକ୍ତ କେନ୍ଦ୍ରକୁ ଯିବାକୁ ହେଲେ ଦେଓଝର୍ ରେଳ ସାଇଡିଂ, ଜିନ୍ଦଲ କମ୍ପାନୀର ରେଳ ଧାରଣା ପାର କରିବାକୁ ପଡ଼ିଥାଏ। ଯାହାକି ବିପଦପୂର୍ଣ୍ଣ। ଏଣୁ ପୂର୍ବରୁ ସେମାନଙ୍କୁ ଯେଉଁ କେନ୍ଦ୍ରରେ ରାଶନ ସାମଗ୍ରୀ ଦିଆଯାଉଥିଲା ସେହିଠାରେ ହିଁ ସାଧାରଣ ବଣ୍ଟନ କରିବାକୁ ନିବେଦନ କରିଛନ୍ତି।

# ପିଆର୍‌ଏମ୍ ମେଡିକାଲ କର୍ମଚାରୀ ସଂଘର ବୈଠକ

ବାରିପଦା ଅଫିସ,୧୯।୪

ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ମୟୂରଭଞ୍ଜ ଜିଲା ଶାଖାର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ମେଡିକାଲ କର୍ମଚାରୀ ସଂଘର ଉପ-ସଭାପତି ଶ୍ୟାମସୁନ୍ଦର ଦେଓ ଉପସ୍ଥିତ ରହି ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀକ ବାରିପଦାଠାରେ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗୃହିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ସୁଶିଲ କୁମାର ସାହୁ, ସହ ସମ୍ପାଦକ, ଦିଲୀପ କୁମାର ମିଶ୍ର, କୋଷାଧ୍ୟକ୍ଷ ସୁବୋଧ ଜେନା, ମହେନ୍ଦ୍ର ପଲେଇ, କାହ୍ନୁଚରଣ ସେଠୀ , ପରମେଶ୍ୱର ମୁଖି, ବିଜୟଲକ୍ଷ୍ମୀ ମହାନ୍ତ, ସନ୍ତୋଷ ନାୟକ, ଅଜନ୍ତା ଷାଟିଆ, ସୁଚିସ୍ମିତା ମହାକୁଡ, ସୋମବାରି ମୁର୍ମୁ, ଭାରତୀ ଆଚାର୍ଯ୍ୟ, କୌଶଲ୍ୟା ଚପିଆର, ଗୁଣବତୀ ନାଏକ, କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିନ୍ତାମଣୀ ଦାଶ, ବଡ଼ସାହିରୁ ଗୋପୀନାଥ ପରିଡା, ଶିର୍ଷାରୁ ସୁଶିଲ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମସ୍ତଙ୍କ ଉପସ୍ଥିତି ଓ ସହମତିରେ ଆଇନଜୀବୀ ସୁନୀଲ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛଦେଇ ଜିଲା ସଂଘର ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ସ୍ଥାୟୀ କର୍ମଚାରୀ ଓ ଅସ୍ଥାୟୀ ଠିକା ଭିତ୍ତିକ କର୍ମଚାରୀମାନଙ୍କର ସମସ୍ୟା ଓ ଅସୁବିଧା ବିଷୟରେ ଆଲୋଚନା ହୋଇଥିଲା।

# ବାଇକ୍ ଚୋରଙ୍କୁ ଗଛରେ ବାନ୍ଧି ପିଟିଲେ ଗ୍ରାମବାସୀ

ବାଲେଶ୍ୱର ଅଫିସ, ୧୯।୪

ବାଲେଶ୍ୱର ଜିଲା ସିଂଲା ଥାନା ଦୁଣ୍ଡକୁଣ୍ଡ ଗ୍ରାମରେ ୨ଜଣ ବାଇକ ଚୋରଙ୍କୁ ଧରି ସ୍ଥାନୀୟ ଲୋକେ ଗଛରେ ବାନ୍ଧି ମାଡ଼ ମାରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଗିରଫ କରିଛି। ଏହି ଚୋରମାନେ ଦଣ୍ଡକୁଣ୍ଡ ଗ୍ରାମର ମଣ୍ଟୁ ସିଂ ନାମକ ମେକାନିକଙ୍କ ଘରୁ ବାଇକ୍‌କୁ ଚୋରି କରିଥିଲେ। ନାବରା ଛକ ନିକଟରେ ଚୋରି ବାଇକ୍ ଖରାପ ହେବାରୁ ସେମାନେ ଗାଡି ସଜାଡିବା ଲାଗି ମଣ୍ଟୁ ସିଂଙ୍କୁ ଡାକିଥିଲେ। ମଣ୍ଟୁ ସେଠାରେ ନିଜ ଗାଡିକୁ ଚିହ୍ନିପାରି ସ୍ଥାନୀୟ ଲୋକଙ୍କ ସହଯୋଗରେ ଚୋରଙ୍କୁ ଧରି ଉତ୍ତମମଧ୍ୟମ ଦେଇଥିଲେ।

# ଦିବ୍ୟାଙ୍ଗଙ୍କୁ ମିଳିଲା ୩୩ ଟ୍ରାଇସାଇକେଲ



ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।

ବାଲେଶ୍ୱର ଅଫିସ, ୧୯।୪

ବାଲେଶ୍ୱର ସଦର ବ୍ଲକରେ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗମାନଙ୍କୁ ମଙ୍ଗଳବାର ଟ୍ରାଇସାଇକେଲ ସହ ଅନ୍ୟାନ୍ୟ ଉପକରଣ ପ୍ରଦାନ କରାଯାଇଛି। ୨୦୨୧ ନଭେମ୍ବରରେ ଚିହ୍ନଟ କରାଯାଇଥିବା ଦିବ୍ୟାଙ୍ଗମାନଙ୍କୁ ଏହି ସହାୟତା ଦିଆଯିବା ପାଇଁ ସମାଜ ସୁରକ୍ଷା ବିଭାଗ ପକ୍ଷରୁ ସ୍ଥିର କରାଯାଇଥିଲା। ସଦର ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ସଦର ବିଡିଓ ନରେନ୍ଦ୍ର ଖମାରୀ ପ୍ରମୁଖ ଉପସ୍ଥିତ ରହି ୩୩ଜଣଙ୍କୁ ଟ୍ରାଇସାଇକେଲ ଓ ଅନ୍ୟମାନଙ୍କୁ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଛନ୍ତି। ମୋଟ୍ ୨୨୫୩ ଜଣ ହିତାଧିକାରୀଙ୍କୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜିଲାର ୧୨ଟି ବ୍ଲକରେ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଦିବ୍ୟାଙ୍ଗ ଜନ), ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଭାରତ ସରକାର କଟକ ଓଲଟପୁର କେନ୍ଦ୍ରରୁ ଡା. ଜୟଶଙ୍କର ପଣ୍ଡା, ଡା. ଗୌରାଙ୍ଗ ଚରଣ ପାତ୍ର, ଡା. ରାଜକିଶୋର ସାହୁ ଯୋଗଦେଇ ସୂଚନା ଦେଇଛନ୍ତି।

# ବାଘ ଦାନ୍ତ ସହ ହାଡ଼ ଜବତ

କେନ୍ଦୁଝର, ୧୯।୪ (ସ୍ୱ.ପ୍ର)



କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ୍‌ରେ ହୋଇଥିବା ବାଘ ଶିକାର ଘଟଣାରେ ବନବିଭାଗ ମୁଖ୍ୟ ଅଭିଯୁକ୍ତଙ୍କୁ ଦିନିକିଆ ରିମାଣ୍ଡରେ ନେଇ ଅଧିକ ତଦନ୍ତ କରିଛି। ମୁଖ୍ୟ ଅଭିଯୁକ୍ତ ପଣ୍ଡାପଡା ଥାନା କପ୍ତାଡିଆ ଗ୍ରାମର ବାବୁ ଜୁଆଙ୍ଗ(୨୮)ଙ୍କୁ କରଞ୍ଜିଆ ଜେଲରୁ ଦିନିକିଆ ରିମାଣ୍ଡରେ ଆଣି ମଙ୍ଗଳବାର ଘଟଣା ଘଟିଥିବା ସ୍ଥାନକୁ ନେଇ ଅଧିକ ତଥ୍ୟ ସଂଗ୍ରହ କରିଛି। ବାଘ ମରିଥିବା ସ୍ଥାନଟି କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ କାଞ୍ଚିପାଣି ସେକ୍ସନରେ ଆସୁଥିବା ଜଣାପଡିଛି। କରଞ୍ଜିଆ ଡିଭିଜନ ଦୁଧିଆଣି ରେଞ୍ଜର ପ୍ରଦୀପ କୁମାର ପୃଷ୍ଟି ଏବଂ ଏସିଏଫ ଫାଲଗୁଣୀ ବେହେରା ମୁଖ୍ୟ ଅଭିଯୁକ୍ତଙ୍କୁ କଡା ସୁରକ୍ଷାରେ ଆଣି ତଦନ୍ତ କରିଛନ୍ତି। ପ୍ରଥମେ ସେମାନେ ବାଘ ମାରିଥିବା ସ୍ଥାନକୁ ଯାଇ ସେଠାରେ କିପରି ବାଘକୁ ମାରିଥିଲା ତାହା ଦେଖିବା ପରେ ଉକ୍ତ ସ୍ଥାନରୁ ହାଡ ଜବତ କରିଥିଲେ। ଏହାପରେ ତାଙ୍କ ଘରୁ ୨ଟି ବାଘ ଦାନ୍ତ ଜବତ କରିଥିଲେ।

# ନୃତ୍ୟଗୀତରେ ଦୁଲୁକିଲା ପଡ଼ିଆ

## ସାର୍ବଜନୀନ ଘୋଡ଼ାନାଚ ମହୋତ୍ସବ

ଖଇରା, ୧୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ଅର୍ଜୁନପୁର ପଡିଆଠାରେ ଚାଲିଥିବା ପାରମ୍ପରିକ ଘୋଡାନାଚ ପର୍ବ ଓ ଉଦ୍‌ଯାପନୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ୧୬ ୧୭ ଓ ୧୮ ତାରିଖ ୩ଦିନ ଧରି ଘୋଡା ସହ ଗ୍ରାମବାସୀ ଗାଁ ଗାଁ ବୁଲି ନୃତ୍ୟ ପ୍ରଦର୍ଶନ କରିଥିଲେ। ସୋମବାର ସନ୍ଧ୍ୟାରେ ଆୟୋଜିତ ସାର୍ବଜନୀନ ଘୋଡାନାଚ ମହୋତ୍ସବ-୨୦୨୨ ସମାରୋହରେ ବିଶିଷ୍ଟ ସାମାଜିକ କର୍ମୀ ତଥା ରାଜ୍ୟ ସରକାରଙ୍କ କଳା, ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ରାଜ୍ୟ ସମ୍ପାଦକ ଶଶୀ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମହୋତ୍ସବ ଗାଁ, ରାଜ୍ୟ ଓ ଦେଶଗୁଡିକ ମଧ୍ୟରେ ସମ୍ପର୍କ ଯୋଡିଥାଏ ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ସାହୁ, ନହଙ୍ଗ ସମିତିସଭ୍ୟ ଅଜିତ ଦାସ, ଢୁଙ୍ଗୁରା ସମିତିସଭ୍ୟ ପ୍ରତିନିଧି ଶିଶିର କୁମାର ସାମଲ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରମାକାନ୍ତ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଘୋଡାନାଚ କମିଟି ସଭାପତି ସନାତନ ଦାସ, ସମ୍ପାଦକ ବିଶ୍ୱନାଥ ଦାସଙ୍କ ସମେତ ସମସ୍ତ ସଭ୍ୟ ଓ ଗ୍ରାମବାସୀ ୩ଦିନିଆ ନାଚ ଓ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।



ମୁଖ୍ୟଅତିଥି ଶଶୀ ସାହୁ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

